# ପୌରପାଳିକା କାର୍ଯ୍ୟାଳୟ, ଅନୁଗୋଳ

ନଂ....୨୮୩....ତାରିଖ....୧୧/୦୨/୨୦୨୦

## ନୋଟିସ୍

ଏତଦ୍ୱାରା ପୌରପାଳିକା ଅଂଚଳରେ ବାସକରୁଥିବା ଅଧିବାସୀ ମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ପୌରପାଳିକା ତରଫରୁ କଦମ ପଡ଼ିଆ ମାର୍କେଟ କମ୍ପ୍ଲେକ୍ସରେ ଦୋକାନ ଘର ନଂ- ୧୮ ଲଟେରୀ ମାଧ୍ୟମରେ ଆବଟଂନ କରାଯିବା ପାଇଁ ତା.୧୨.୦୨.୨୦୨୦ରିଖ ଠାରୁ ତା.୨୭.୦୨.୨୦୨୦ ରିଖ ପର୍ଯ୍ୟନ୍ତ ଘ.୧୧.୦୦ମି. ଠାରୁ ଘ.୫.୦୦ମି. ପର୍ଯ୍ୟନ୍ତ ପୌରପାଳିକାରୁ ଫର୍ମ ନେଇ ଆବେଦନ କରିପାରିବେ । ପ୍ରକାଶ ଥାଉକି ଗୃହ ଓ ନଗର ଉନ୍ନୟନ ବିଭାଗ ପତ୍ର ସଂଖ୍ୟା- ୧୬୨୬୩, ତା.୧୧.୦୭.୨୦୦୮ରିଖ ସର୍ତାବଳୀ ଅନୁସାରେ ଲଟେରି ମାଧ୍ୟମରେ ଆବଟଂନ କରାଯିବ । ଏଥିପାଇଁ ତା.୨୮.୦୨.୨୦୨୦ ଅପରାହ୍ନ ୪ ଘଟିକା ସମୟରେ ପୌରପାଳିକା ସଭାଗୃହରେ ଲଟେରି କରାଯିବ ।

୧. ଆବେଦନକାରୀ ଅନୁଗୋଳ ପୌରପାଳିକାର ଅଧିବାସୀ ହୋଇଥିବା ଆବଶ୍ୟକ ।

୨. କାର୍ଯ୍ୟାଳୟରେ ଟ.୨୦୦୦/- ଦାଖଲ କରି ଆବେଦନ ପତ୍ର ଗ୍ରହଣ କରିପାରିବେ, ଉକ୍ତ ଅର୍ଥ ଫେରସ୍ତ ହେବ ନାହିଁ । ଫର୍ମ ଦାଖଲ କରିବା ସମୟରେ ଭୋଟର ପରିଚୟ ପତ୍ର/ ଆଧାର କାର୍ଡ଼ ଓ ୧ ଗୋଟି ପାସଫଟୋ ସାଇଜର ଫଟୋ ଦାଖଲ କରିବେ ନଚେତ୍ ଆବେଦନ ପତ୍ର ରଦ୍ଦ କରିଦିଆଯିବ ।

୩. ଯେଉଁ ଆବେଦନକାରୀଙ୍କ ନାମରେ ଦୋକାନ ଘର ଆବଟଂନ କରାଯିବ ପୌରପାଳିକା ନିଷ୍ପତି ଅନୁଯାୟୀ ଅମାନତ ରାଶି ଟ.୫୦୦୦୦୦/-(ପାଂଚଲକ୍ଷ ଟଙ୍କା) ଦୋକାନ ଘର ନିର୍ଦ୍ଧାରିତ ମୂଲ୍ୟ ବାବଦକୁ କାର୍ଯ୍ୟାଳୟରେ ଦାଖଲ କରିବେ ।

୪. ଆବେଦନକାରୀ ପୌରକର୍ତ୍ତୃପକ୍ଷଙ୍କୁ କୌଣସି କୋର୍ଟରେ ପକ୍ଷଭୁକ୍ତ କରି ପାରିବେ ନାହିଁ ।

୫. ନିର୍ଦ୍ଧାରିତ ସମୟ ସିମା ପରେ କୌଣସି ଆବେଦନ ପତ୍ରକୁ ବିଚାରକୁ ନିଆଯିବ ନାହିଁ ।

୬. କୌଣସି କାରଣ ନ ଦର୍ଶାଇ କୌଣସି ଆବେଦନ ପତ୍ର କିମ୍ବା ସମସ୍ତ ଆବେଦନ ପତ୍ରଗୁଡ଼ିକୁ ନାକଚ କରିବା ସଙ୍ଗେ ସଙ୍ଗେ ଉକ୍ତ ବିଜ୍ଞାପନକୁ ରଦ୍ଦ କରିବାର ସମସ୍ତ ଅଧିକାର ପୌର କର୍ତ୍ତୃପକ୍ଷଙ୍କ ନିକଟରେ ସଂରକ୍ଷିତ ରହିବ ।

୧୧/୦୨/୨୦୨୦

କାର୍ଯ୍ୟନିର୍ବାହୀ ଅଧିକାରୀ

ପୌରପାଳିକା ଅନୁଗୋଳ